## ସଂକ୍ଷେପରେ

### ବଜ୍ରପାତ: ୬ ଗୋରୁ ମୃତ, ନାବାଳିକା ଆହତ



ଢେଙ୍କାନାଳ ଅଫିସ/ଭୁବନ(ଡି.ଏନ୍.ଏ.), ୨୧।୮: ଢେଙ୍କାନାଳ ସଦର ବ୍ଲକ ସୋଗରପଶି ଗ୍ରାମରେ ବୁଧବାର ଅପରାହ୍ନରେ ବଜ୍ରପାତ ଘଟି ୬ ଗୋରୁଙ୍କ ମୃତ୍ୟୁ ଘଟିଛି। ଗୋରୁପଲ ରାସ୍ତାପାର୍ଶ୍ୱ ପଡ଼ିଆରେ ଚରୁଥିବାବେଳେ ହଠାତ୍ ବଜ୍ରପାତ ହୋଇଥିଲା। ମୃତ ଗୋରୁ ମାଲିକଙ୍କୁ କ୍ଷତିପୂରଣ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ସେହିପରି ଭୁବନ ଥାନା ବାରୁଆଁ ଗ୍ରାମର ଜଣେ ନାବାଳିକା ବଜ୍ରପାତରେ ଗୁରୁତର ହୋଇଛନ୍ତି। ସେ ହେଲେ ଟୁକୁଲି ସାହୁ (୧୬)। ସନ୍ଧ୍ୟାରେ ସେ ବାସନ ମାଜୁଥିବାବେଳେ ହଠାତ୍ ବଜ୍ରପାତ ହୋଇଥିଲା। ଚେତାଶୂନ୍ୟ ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ତାଙ୍କ ଅବସ୍ଥା ସ୍ଥିର ଥିବା ଡାକ୍ତରଖାନା ପକ୍ଷରୁ ସୂଚନା ମିଳିଛି।

### ସ୍ୱାସ୍ଥ୍ୟକର୍ମୀଙ୍କ ବିୟୋଗରେ ଶୋକ

ଢେଙ୍କାନାଳ ଅଫିସ,୨୧।୮: ଢେଙ୍କାନାଳ ଜିଲା ଗଁଦିଆ ଆଞ୍ଚଳିକ ସେବା ସଙ୍ଗଠନ ପକ୍ଷରୁ ସ୍ୱାସ୍ଥ୍ୟକର୍ମୀ ମାଗୁଣି ପାତ୍ରଙ୍କ ବିୟୋଗରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ବିଜୟ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସ୍ମୃତିସଭାରେ ସଙ୍ଗଠନ ସଭାପତି ବିଦ୍ୟାଧର ସାହୁ, ଥିଙ୍କର୍ସ ଫୋରମ୍ ସଭାପତି ସୁବ୍ରତ କୁମାର ସାହୁ, ଉପଦେଷ୍ଟା ପ୍ରମୋଦ କୁମାର ବାରିକ, ଗଣେଶ୍ୱର ପ୍ରଧାନ, ପ୍ରକାଶ କୁମାର ବାରିକ, ଅଭିମନ୍ୟୁ ଦାସ, ଡମ୍ବରୁଧର ସେଠୀ, ଦଣ୍ଡଧର ସାହୁ, ରାଘବ ଚନ୍ଦ୍ର ମହାରଣା, ହେମନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ମାଗୁଣି ପାତ୍ର ନିଷ୍ଠାପର ଭାବେ ଅଞ୍ଚଳବାସୀଙ୍କୁ ସେବା ଯୋଗାଇ ଆସୁଥିଲେ। ତାଙ୍କ ବିୟୋଗରେ ଅଞ୍ଚଳବାସୀ ଜଣେ ଭଲ ମଣିଷକୁ ହରାଇଲେ ବୋଲି ମତପ୍ରକାଶ ପାଇଥିଲା। ସେହିପରି ଦେଓଗାଁ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ହରିହର ସାହୁଙ୍କ ତତ୍ତ୍ୱାବଧାନରେ ମାଗୁଣିଙ୍କ ଦିବଂଗତ ଆତ୍ମାର ସଦ୍‌ଗତି କାମନା କରାଯାଇଥିଲା। ସ୍କୁଲର ସମସ୍ତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକ ଉପସ୍ଥିତ ଥିଲେ।

### ଶାଗୁଆନ କାଠ ଜବତ

ଢେଙ୍କାନାଳ ଅଫିସ, ୨୧।୮: ଢେଙ୍କାନାଳ ଜିଲା ଗଁଦିଆ ଥାନା କପିଳାସ ରେଞ୍ଜ୍ ମହୁଲଖୋଲି ଗ୍ରାମରୁ ବୁଧବାର ବିପୁଳ ପରିମାଣରେ ଶାଗୁଆନ କାଠ ବନ ବିଭାଗ ଜବତ କରିଛି। ନିକଟ ଜଙ୍ଗଲରୁ ଗଛ କଟାଯାଇ ନିର୍ଜନ ସ୍ଥାନରେ ରଖାଯାଇଥିଲା। ସୂଚନା ପାଇ ରେଞ୍ଜର ଦର୍ଶନିଆ ଭୋଇ କର୍ମଚାରୀଙ୍କ ସହ ପହଞ୍ଚି କାଠକୁ ଜବତ କରି ରେଞ୍ଜ୍ କାର୍ଯ୍ୟାଳୟକୁ ଆଣିଥିଲେ। ଜବତ କାଠର ଆନୁମାନିକ ମୂଲ୍ୟ ୭୦ ହଜାର ଟଙ୍କା ହେବ। ଏହି ଘଟଣାରେ କାହାରିକୁ ଗିରଫ କରାଯାଇନାହିଁ। ଗୁରୁବାର ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରେଞ୍ଜର ସୂଚନା ଦେଇଛନ୍ତି।

### ଉଷାଶ୍ରୀଙ୍କୁ ରାଜୀବ ଗାନ୍ଧୀ ପ୍ରତିଭା ସମ୍ମାନ

ଢେଙ୍କାନାଳ ଅଫିସ, ୨୧।୮: ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ରାମଚନ୍ଦ୍ରପୁର ପ୍ରାଥମିକ ବିଦ୍ୟାଳୟର ୫ମ ଶ୍ରେଣୀ କବ୍ ବୁଲ୍‌ବୁଲ୍ ଛାତ୍ରୀ ଉଷାଶ୍ରୀ ଖଟୁଆଙ୍କୁ 'ରାଜୀବ ଗାନ୍ଧୀ ପ୍ରତିଭା' ସମ୍ମାନରେ ସମ୍ମାନିତ କରାଯାଇଛି। ଭୁବନେଶ୍ୱର ଜୟଦେବ ଭବନରେ ମଙ୍ଗଳବାର ଆୟୋଜିତ ରାଜୀବ ଗାନ୍ଧୀଙ୍କ ଜୟନ୍ତୀ ସମାରୋହରେ ତାଙ୍କୁ ପୁରସ୍କାର ସ୍ୱରୂପ ମାନପତ୍ର ଏବଂ ଟ୍ରଫି ମିଳିଛି। ପ୍ରଧାନ ଶିକ୍ଷୟିତ୍ରୀ ମିନତି ସାମନ୍ତରାୟ, ଗାଇଡ୍ ଶିକ୍ଷୟିତ୍ରୀ ଦୀପ୍ତିମୟୀ ଲେଙ୍କା, ବିଦ୍ୟାଳୟ ପରିଚାଳନା କମିଟି କର୍ମକର୍ତ୍ତା, ସଭ୍ୟାସଭ୍ୟା ଉଷାଶ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।




# ଅଧାବାଟରେ ଛାଡ଼ି ପଳାଇଲେ ପ୍ରେମିକ

**ପ୍ରେମରେ ପ୍ରତାରଣା**

ପରଜଙ୍ଗ, ୨୧।୮(ଡି.ଏନ.ଏ.)



- ତାଲା ଭାଙ୍ଗି ଅଭିଯୁକ୍ତଙ୍କ ଘରେ ପଶିଲେ ପୀଡ଼ିତା
- ଥାନାରେ ମାମଲା, ଅଭିଯୁକ୍ତ ଫେରାର

ପ୍ରେମ ପ୍ରତାରଣାର ଶିକାର ହୋଇଥିବା ଜଣେ ବିବାହିତା ମହିଳା ସ୍ତ୍ରୀ ମାନ୍ୟତା ଦାବିରେ ତାଲା ଭାଙ୍ଗି ଅଭିଯୁକ୍ତ ପ୍ରେମିକଙ୍କ ଘରେ ପଶିବା ଢେଙ୍କାନାଳ ଜିଲା ପରଜଙ୍ଗ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଏ ନେଇ ଥାନାରେ ବିଧିବଦ୍ଧ ଭାବେ ଅଭିଯୋଗ ହେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି।

ଅଭିଯୋଗ ଅନୁଯାୟୀ, ଲୋଧଣୀ ଗ୍ରାମର ଜିତୁ ସାହୁ ଏବଂ ସମ୍ପୃକ୍ତ ଯୁବତୀଙ୍କ ମଧ୍ୟରେ ୫ବର୍ଷ ହେଲା ପ୍ରେମ ସମ୍ପର୍କ ଥିଲା। ହେଲେ ଗତ ଜୁନ୍ ୨୯ରେ ଯୁବତୀଙ୍କ ବିବାହ ଅନ୍ୟତ୍ର ହୋଇଯାଇଥିଲା। ବିବାହର ପଞ୍ଚମ ଦିନ ସମ୍ପୃକ୍ତ ଯୁବତୀ ଶାଶୁଘରୁ ଜିତୁଙ୍କ ସହ ଫେରାର ହୋଇଯାଇଥିଲେ। ଏହାପରେ ଉଭୟେ ଜଣେ ସମ୍ପର୍କୀୟ ଘରକୁ ପଳାଇଥିଲେ। ପ୍ରେମିକାଙ୍କୁ ସେଠାରେ ଛାଡ଼ି ଜିତୁ ଗ୍ରାମକୁ ପଳାଇ ଆସି ଘଟଣା ବିଷୟରେ କିଛି ଜାଣି ନ ଥିବା ଅଭିନୟ କରିଥିଲେ। ଏହାର କିଛିଦିନ ପରେ ପ୍ରେମିକାଙ୍କୁ ଧରି ହାଇଦ୍ରାବାଦ ପଳାଇଥିଲେ। ସେଠାରେ ମାସେ ରହିବା ପରେ ପୁଣି ସମ୍ପର୍କୀୟଙ୍କ ଘରକୁ ଆସିଥିଲେ। କିଛିଦିନ ରହିବା ପରେ ଭୁବନେଶ୍ୱରରେ ବିବାହ କରିବାକୁ କହି ପ୍ରେମିକାଙ୍କୁ ଧରି ଚାଲିଯାଇଥିଲେ। ହେଲେ ମନ୍ଦିର ପାଖରେ ଛାଡ଼ିଦେଇ ଜିତୁ ଫେରାର ହୋଇଯାଇଥିବା ପୀଡ଼ିତା ଅଭିଯୋଗ କରିଛନ୍ତି। ଜିତୁଙ୍କୁ ନ ପାଇ ଯୁବତୀ ଜଣକ ଘରକୁ ଫେରି ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ ଅବଗତ କରାଇଥିଲେ। ଏହାପରେ ଅଗଷ୍ଟ ୧୭ରେ ସେ ବିଧିବଦ୍ଧ ଭାବେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସେ ଏତଲାରେ ଦର୍ଶାଇଛନ୍ତି, ସାଙ୍ଗରେ ନେଇଯିବା ପରେ ଜିତୁ ତାଙ୍କ ସହ ବାରମ୍ବାର ଶାରୀରିକ ସମ୍ପର୍କ ରଖିଥିଲେ। କୌଶଳକ୍ରମେ ସୁନାଗହଣା ନେଇ ଫେରାର ହୋଇଯାଇଛନ୍ତି। ଏହା ପଛରେ ଅଭିଯୁକ୍ତ ଜିତୁଙ୍କ ପରିବାର ଲୋକଙ୍କ ହାତ ଥିବା ସେ ଅଭିଯୋଗ କରିଛନ୍ତି। ବୁଧବାର ଯୁବତୀ ଜଣକ ପ୍ରେମିକଙ୍କ ଗ୍ରାମକୁ ଯାଇଥିଲେ। ଜିତୁଙ୍କ ଘରେ ତାଲା ପଡ଼ିଥିଲା। ସ୍ତ୍ରୀ ମାନ୍ୟତା ଦାବି କରି ସେ ତାଲା ଭାଙ୍ଗି ଘରେ ଅଛନ୍ତି। ତାଙ୍କୁ ତୁରନ୍ତ ନ୍ୟାୟ ଦେବାକୁ ସେ ପୋଲିସ ନିକଟରେ ଦାବି କରିଛନ୍ତି। ଏ ସମ୍ପର୍କରେ ଥାନାଧିକାରୀ ଆନନ୍ଦ କୁମାର ଡୁଙ୍ଗଡୁଙ୍ଗ୍ କୁହନ୍ତି, ଯୁବତୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୁକ୍ତଙ୍କ ପରିବାର ସଦସ୍ୟ ଫେରାର ଥିବାରୁ ତଦନ୍ତରେ ବିଳମ୍ବ ହେଉଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

## ପ୍ରେମିକାଙ୍କ ତଣ୍ଟି କାଟିଦେଲେ

କାମାକ୍ଷାନଗର, ୨୧।୮(ଡି.ଏନ୍.ଏ.): ପ୍ରେମିକାଙ୍କୁ ପିଛା କରି ସୁନ୍ଦରଗଡ଼ରୁ ଚାଲିଆସିଲେ ଢେଙ୍କାନାଳ। ରାତାରାତି ତାଙ୍କୁ ଧରି ଫେରାର ହୋଇଯିବାକୁ କରିଥିଲେ ଯୋଜନା। ହେଲେ ଏଥିରେ ଯୁବତୀ ଜଣକ ଅନିଚ୍ଛା ପ୍ରକାଶ କରିବାରୁ ରକ୍ତମୁଖା ହୋଇଉଠିଲେ ପ୍ରେମିକ। ହିତାହିତ ଜ୍ଞାନ ହରାଇ ଧାରୁଆ ଛୁରିରେ କାଟିଦେଲେ ପ୍ରେମିକାଙ୍କ ତଣ୍ଟି। ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ଥାନା ଅଞ୍ଚଳରେ ଘଟିଥିବା ଏପରି ସ୍ପର୍ଶକାତର ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଗୁରୁତର ଅବସ୍ଥାରେ ଯୁବତୀଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଖବର ଲେଖାଯିବା ସୁଦ୍ଧା ଏ ନେଇ ଥାନାରେ ଅଭିଯୋଗ ହୋଇନାହିଁ। ପୋଲିସ ସୂଚନା ପାଇ ଖୋଳତାଡ଼ ଆରମ୍ଭ କରିଛି।

ପୋଲିସ ସୂଚନା ଅନୁଯାୟୀ, ସମ୍ପୃକ୍ତ ଯୁବତୀ ଏବଂ ଯୁବକଙ୍କ ଘର ସୁନ୍ଦରଗଡ଼ ଅଞ୍ଚଳରେ। ସେମାନଙ୍କ ମଧ୍ୟରେ ପ୍ରେମସମ୍ପର୍କ ଗଢ଼ିଉଠିଥିଲା। ଯୁବତୀ ଜଣକ କଙ୍କଡ଼ାହାଡ଼ ଥାନା ଅଞ୍ଚଳରେ ରହୁଥିବା ନିଜ ଉଭଣୀଙ୍କ ଘରକୁ ଆସିଥିଲେ। ତାଙ୍କୁ ପିଛା କରି ସମ୍ପୃକ୍ତ ଯୁବକ ମଧ୍ୟ ଉକ୍ତ ଗ୍ରାମକୁ ଆସିଥିଲେ। ମଙ୍ଗଳବାର ରାତିରେ ଯୁବତୀ ଜଣକ ପରିସ୍ରା କରିବାକୁ ଉଠିଥିବାବେଳେ ପ୍ରେମିକ ପହଞ୍ଚି ତାଙ୍କ ସହ ଫେରାର ହୋଇଯିବାକୁ ବାଧ୍ୟ କରିଥିଲେ। ଏଥିରେ ଅନିଚ୍ଛା ପ୍ରକାଶ କରିବାରୁ ପ୍ରତିଶୋଧ ପରାୟଣ ହୋଇ ଅଭିଯୁକ୍ତ ଯୁବକ ଯୁବତୀଙ୍କ ବେକ, ହାତକୁ ତୀକ୍ଷ୍ଣ ଛୁରିରେ କାଟି ପକାଇଥିଲେ। ଚିତ୍କାର ଶୁଣି ପରିବାର ଲୋକେ ତାଙ୍କୁ ଉଦ୍ଧାର କରି କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଜିଲା ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

ଏ ନେଇ କଙ୍କଡ଼ାହାଡ଼ ଥାନାଧିକାରୀ ପ୍ରମୋଦ କୁମାର ଲେଙ୍କା କୁହନ୍ତି, ଡାକ୍ତରଖାନା କର୍ତ୍ତୃପକ୍ଷଙ୍କଠାରୁ ସୂଚନା ପାଇ ପୋଲିସ ତଦନ୍ତ ଆରମ୍ଭ କରିଛି। ଫେରାର ଅଭିଯୁକ୍ତଙ୍କ ସମ୍ପର୍କରେ ସୂଚନା ମିଳିଛି। ତଦନ୍ତ ବାଧାପ୍ରାପ୍ତ ହେବା ଆଶଙ୍କା ଥିବାରୁ ତାଙ୍କ ନାମ ଗୋପନ ରଖାଯାଇଛି। ପୀଡ଼ିତା ଗୁରୁତର ଥିବାରୁ କଥାବାର୍ତ୍ତା କରିପାରୁନାହାନ୍ତି। ତାଙ୍କ ବୟାନ ରେକର୍ଡ ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ଯୁବ ସଂସଦ କାର୍ଯ୍ୟକ୍ରମ



ଢେଙ୍କାନାଳ ଅଫିସ, ୨୧।୮

ଢେଙ୍କାନାଳ ସୁଲକ୍ଷଣା ଦେବୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବୁଧବାର ଜିଲାସ୍ତରୀୟ ଯୁବ ସଂସଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ନସିମାଆରା ବେଗମ୍ ଏହାକୁ ଉଦ୍‌ଘାଟନ କରି କହିଲେ, ଏହା ଛାତ୍ରୀଛାତ୍ରଙ୍କ ମଧ୍ୟରେ ଗଣତାନ୍ତ୍ରିକ ମୂଲ୍ୟବୋଧ ବଢ଼ାଇବାରେ ସହାୟକ ହେବ। ପୂର୍ବତନ ପ୍ରଧାନ ଶିକ୍ଷକ କ୍ଷେତ୍ରବାସୀ ସାହୁ, ଶିକ୍ଷାବିତ୍ ପ୍ରଫେସର ଅଟଳ ବିହାରୀ ଦାସ, ସାହିତ୍ୟିକ ଅବନୀ କୁମାର ମିଶ୍ର ବିଚାରକ ଭାବେ ଯୋଗଦେଇଥିଲେ।

ଜିଲାର ୬ ବିଦ୍ୟାଳୟରୁ ୧୨ ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ପ୍ରତିଯୋଗିତାରେ ବ୍ରଜନାଥ ବଡ଼ଜେନା ଉଚ୍ଚ ବିଦ୍ୟାଳୟର ୧୦ମ ଶ୍ରେଣୀ ଛାତ୍ର ମାତୃପ୍ରସାଦ ପଣ୍ଡା ପ୍ରଥମସ୍ଥାନ ଅଧିକାର କରି ରାଜ୍ୟସ୍ତରକୁ ମନୋନୀତ ହୋଇଛନ୍ତି। ସରସ୍ୱତୀ ଶିଶୁ ମନ୍ଦିର ଛାତ୍ରୀ ଲିନୁପ୍ରିୟା ଜେନା ଦ୍ୱିତୀୟ ଏବଂ ପ୍ରୀତିଛନ୍ଦା ପୃଷ୍ଟି ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ପ୍ରଶିକ୍ଷକ ଦେବୀ ପ୍ରସାଦ ମିଶ୍ର ତାଲିମ ଦେବା ସହ ବିଭିନ୍ନ ବିଷୟରେ ମାର୍ଗଦର୍ଶନ କରିଥିଲେ।

■ଜିଲାସ୍ତରୀୟ ସମନ୍ୱୟ ବୈଠକ

# ଆନୁଷ୍ଠାନିକ ପ୍ରସବ ବୃଦ୍ଧି ପରାମର୍ଶ



ବୈଠକରେ ଜିଲାପାଳଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନେ।

ଢେଙ୍କାନାଳ ଅଫିସ, ୨୧।୮

- ମାତୃ, ଶିଶୁ ମୃତ୍ୟୁହାର ହ୍ରାସ ଉପରେ ଗୁରୁତ୍ୱ
- ୫-ଟି କାର୍ଯ୍ୟକାରିତାକୁ ଫୋକସ୍

ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷରେ ବୁଧବାର ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଜିଲାସ୍ତରୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ଅଧ୍ୟକ୍ଷତା କରିଥିଲେ। ଚିକିତ୍ସାଳୟରେ ଆନୁଷ୍ଠାନିକ ପ୍ରସବ ବୃଦ୍ଧି, ଶିଶୁ ଓ ମାତୃ ମୃତ୍ୟୁହାର ହ୍ରାସ କରିବା ସହ ରାଜ୍ୟ ସରକାରଙ୍କ '୫-ଟି' କାର୍ଯ୍ୟକାରିତା ଉପରେ ଫୋକସ୍ କରିବାକୁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି।

ଜିଲାରେ ସ୍ୱାସ୍ଥ୍ୟଭିତ୍ତିକ କାର୍ଯ୍ୟକ୍ରମଗୁଡ଼ିକର ସଫଳ ରୂପାୟନ ଲାଗି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ନିରଞ୍ଜନ ମିଶ୍ର ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହି ଅବସରରେ ପାୱାର ପଏଣ୍ଟ ପ୍ରେଜେଣ୍ଟେଶନ ମାଧ୍ୟମରେ କାର୍ଯ୍ୟକ୍ରମର ଲକ୍ଷ୍ୟ, ସଫଳତା ଉପରେ ଆଲୋଚନା କରାଯାଇଥିଲା। ଉପଯୁକ୍ତ ପୁଷ୍ଟିସାଧନ, ରକ୍ତହୀନତା, ଲିଙ୍ଗଗତ ଅସମାନତା ଦୂର, ସ୍ୱଳ୍ପ ଓଜନ ବିଶିଷ୍ଟ ଶିଶୁଙ୍କ ସଂଖ୍ୟା ହ୍ରାସ, ଯକ୍ଷ୍ମା ରୋଗୀ ଚିହ୍ନଟ ଏବଂ ନିରାକରଣ ଉପରେ ବିହିତ ପଦକ୍ଷେପ ନେବା, ନିର୍ଦ୍ଧାରିତ ସମୟରେ ରୋଗୀ କଲ୍ୟାଣ ସମିତି, ଗାଁ କଲ୍ୟାଣ ସମିତି ବୈଠକ ଆୟୋଜନ କରିବା, ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ରୁଗ୍‌ଣ ଶିଶୁ ଚିହ୍ନଟ କରି ଉପଯୁକ୍ତ ଚିକିତ୍ସା କରାଇବା ଉପରେ ଗୁରୁତ୍ୱ ଦିଆଯାଇଛି। ଏସବୁ କାର୍ଯ୍ୟକୁ ଠିକ୍ ସମୟରେ ସାରିବାକୁ ଯୋଜନା ପ୍ରସ୍ତୁତ କରିବାକୁ ପଡ଼ିବ। କାର୍ଯ୍ୟରେ ପାରଦର୍ଶିତା, ସ୍ୱଚ୍ଛତା, ସମୟାନୁବର୍ତ୍ତିତା ରହିଲେ ପରିବର୍ତ୍ତନ ସମ୍ଭବ ବୋଲି ମତ ପ୍ରକାଶ ପାଇଥିଲା।

ବୈଠକରେ ଜିଲା ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଜ୍ୟୋତିଷ ଚନ୍ଦ୍ର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## 'ପୂର୍ଣ୍ଣତାର ପରିପ୍ରକାଶ ହିଁ ଶିକ୍ଷା'

ଢେଙ୍କାନାଳ ଅଫିସ, ୨୧।୮

ବିବେକାନନ୍ଦଙ୍କ ଜୀବନୀ ଓ ଉପଦେଶ ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିପାରିବ। ମନୁଷ୍ୟ ମଧ୍ୟରେ ପୂର୍ଣ୍ଣତାର ପରିପ୍ରକାଶ ହିଁ ଶିକ୍ଷା। ଲକ୍ଷ୍ୟ ହାସଲ ନ କରିବା ଯାଏ ବିଶ୍ରାମ ନିଅନାହିଁ। ତା' ହେଲେ ଜୀବନରେ ସଫଳତା ମିଳିପାରିବ ବୋଲି କହିଛନ୍ତି ବାଙ୍ଗାଲୋର ରାମକୃଷ୍ଣ ମିଶନ ପ୍ରମୁଖ ସ୍ୱାମୀ ସୁଦର୍ଶନାନନ୍ଦ। ସ୍ଥାନୀୟ ବ୍ରଜନାଥ ବଡ଼ଜେନା ହାଇସ୍କୁଲ ପରିସରରେ ବୁଧବାର 'ବିବେକାନନ୍ଦ ଚରିତ୍ର ଗଠନ ଓ ବ୍ୟକ୍ତିତ୍ୱ ବିକାଶ କାର୍ଯ୍ୟକ୍ରମ-୨୦୧୯'ରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ ଏହା କହିଛନ୍ତି। ପ୍ରାରମ୍ଭରେ ସ୍ୱାମୀ ବିବେକାନନ୍ଦଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଶିକ୍ଷକ ଡ. ଦେବୀ ପ୍ରସାଦ ମିଶ୍ର, ଭୁବନେଶ୍ୱରସ୍ଥିତ ଉତ୍କଳ ରାମକୃଷ୍ଣ ସେବା ସଂଘ ସମ୍ପାଦକ ରବି ନାରାୟଣ ମହାନ୍ତି, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ପୂର୍ବତନ ପରିଚାଳକ ଅଶୋକ ନାୟକ ପ୍ରମୁଖ ସ୍ୱାମିଜୀଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ। ଦୀପା ଦାସ, ଅଭିଶେକ ଦାସ, ପ୍ରାଞ୍ଜଳ ପ୍ରତୀଶ ବେହେରା, ପ୍ରିୟମ୍ ପ୍ରିୟାଂଶୁ ମହାନ୍ତି ପ୍ରମୁଖ ନିଜସ୍ୱ ବକ୍ତବ୍ୟ ରଖି ପୁରସ୍କୃତ ହୋଇଥିଲେ। ଶିକ୍ଷାର୍ଥୀଙ୍କୁ ସ୍ୱାମୀ ବିବେକାନନ୍ଦଙ୍କ ନୀତିଆଦର୍ଶ ଉଲ୍ଲେଖ ଥିବା ପୁସ୍ତକ ପ୍ରଦାନ କରାଯାଇଥିଲା। ପ୍ରଧାନ ଶିକ୍ଷୟିତ୍ରୀ ମୌସୁମୀ ସାହୁ, ଶିକ୍ଷକ ସୁରେଶ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ନାଟ୍ୟକାର ବିପିନ ପଟ୍ଟନାୟକଙ୍କ ବିୟୋଗ

ଢେଙ୍କାନାଳ ଅଫିସ, ୨୧।୮



ଢେଙ୍କାନାଳର ବିଶିଷ୍ଟ ନାଟ୍ୟକାର ବିପିନ ବିହାରୀ ପଟ୍ଟନାୟକ ଆଉନାହାନ୍ତି। ବୁଧବାର ଅପରାହ୍ନ ସାଢ଼େ ୩ଟାରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ୭୪ ବର୍ଷ ବୟସରେ ତାଙ୍କର ପରଲୋକ ହୋଇଯାଇଛି। ସେ କିଛିଦିନ ହେଲା ଅସୁସ୍ଥ ଥିଲେ। ଅନ୍ତିମ ସମୟରେ ତାଙ୍କ ନିକଟରେ ପରିବାରବର୍ଗ ଏବଂ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ସନ୍ଧ୍ୟା ୬ଟାରେ ମରଶରୀର ଢେଙ୍କାନାଳ ଦେଉଳସାହିସ୍ଥିତ ବାସଭବନରେ ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ନାଟ୍ୟାନୁଷ୍ଠାନର କର୍ମକର୍ତ୍ତା ଏବଂ ବୁଦ୍ଧିଜୀବୀ ଶେଷଦର୍ଶନ କରିଥିଲେ। ପ୍ରଶାସନ ପକ୍ଷରୁ ଜିଲା ସଂସ୍କୃତି ଅଧିକାରୀ ଲକ୍ଷ୍ମୀଧର ରାଉତ, ସଂସ୍କୃତି ପରିଷଦ ସଂଯୋଜକ ଅବନୀ ମିଶ୍ର ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସ୍ଥାନୀୟ ଶ୍ମଶାନରେ ତାଙ୍କର ଶେଷକୃତ୍ୟ କରାଯାଇଛି।

ବିପିନ ଶ୍ରୀକରଣ ସମାଜର ପ୍ରତିଷ୍ଠାତା ସଭ୍ୟ ରହିଥିଲେ। ଏତଦ୍‌ବ୍ୟତୀତ ସେ ଶତରୂପା ନାଟ୍ୟ ଓ ସଙ୍ଗୀତ ଅନୁଷ୍ଠାନର ପ୍ରତିଷ୍ଠାତା ଥିଲେ। ନିଜର ବହୁମୁଖୀ ପ୍ରତିଭା ପାଇଁ ତାଙ୍କୁ ୨୦୦୪ରେ 'ମହିମା ନାଟ୍ୟ ସମ୍ମାନ', ୨୦୦୯ରେ 'ଲଳିତ କଳା ସମ୍ମାନ' ଏବଂ ୨୦୧୯ରେ ଚାର୍ଲି ଚାପ୍‌ଲିନ ନାଟ୍ୟାନୁଷ୍ଠାନ ପକ୍ଷରୁ ଶ୍ରେଷ୍ଠ ନାଟ୍ୟକାର ଭାବେ ସମ୍ମାନିତ କରାଯାଇଥିଲା। ତାଙ୍କ ପରଲୋକରେ ବିଧାୟକ ସୁଧୀର କୁମାର ସାମଲ ଗଭୀର ଶୋକବ୍ୟକ୍ତ କରିଛନ୍ତି।

## ଶ୍ରମିକମାନଙ୍କ ଦାବି ସମ୍ପର୍କରେ ଆଲୋଚନା

ଅନୁଗୋଳ ଅଫିସ, ୨୧।୮

ଅନୁଗୋଳସ୍ଥିତ ତାମ୍ରିତ କଲୋନୀସ୍ଥିତ କାଳୀମନ୍ଦିର ରେ ଓଡ଼ିଶା ବିଦ୍ୟୁତ୍ କର୍ମଚାରୀ ମହାସଂଘ ସର୍କଲସ୍ତରୀୟ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଙ୍କଜ ତ୍ରିପାଠୀ ସଭାପତିତ୍ୱ କରିଥିଲେ। ଉକ୍ତ ସଭାରେ ଶ୍ରମିକଙ୍କ ବିଭିନ୍ନ ଦାବି ସମ୍ପର୍କରେ ଆଲୋଚନା ହୋଇଥିଲା। ମହାସଂଘ ସାଧାରଣ ସମ୍ପାଦକ ଅମର ଯୁମର ପ୍ରତାପ ସିଂ, ସର୍କଲ ସମ୍ପାଦକ ପ୍ରାଣବନ୍ଧୁ ମହାନ୍ତି, ସମ୍ପାଦକ ସୁରେନ୍ଦ୍ର ଦାଶ, ତାଳଚେର ସମ୍ପାଦକ ବିକାଶ ସାହୁ, ଢେଙ୍କାନାଳ ସମ୍ପାଦକ ମୃତ୍ୟୁଞ୍ଜୟ ପ୍ରଧାନ, ସହ ସମ୍ପାଦକ ଉପେନ୍ଦ୍ର ମାହୁନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଯୋଗୀନାଥ ସାହୁ ଧନ୍ୟବାଦ ଦେଇଥିଲେ।

■ପଞ୍ଚାୟତ ସମିତି ବୈଠକ

# 'ଠିକ୍ ନିୟମାବଳୀ ଜଣାଅ'



ଢେଙ୍କାନାଳ ଅଫିସ, ୨୧।୮

ଢେଙ୍କାନାଳ ସଦର ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବୁଧବାର ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ପଦ୍ମିନୀ ନାୟକ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଏମ୍‌ପି ମହେଶ ସାହୁ, ବିଧାୟକ ସୁଧୀର କୁମାର ସାମଲ ମଞ୍ଚାସୀନ ଥିଲେ। ସରକାରୀ ଯୋଜନାର ସମସ୍ତ ନିୟମାବଳୀକୁ ଠିକ୍ ଭାବେ ସଦସ୍ୟଙ୍କୁ ଜଣାଇବା ଦିଗରେ ଅଧିକାରୀମାନେ ଯତ୍ନବାନ ହେବାକୁ ବିଧାୟକ ନିର୍ଦ୍ଦେଶ ଦେଇଛନ୍ତି। ନିର୍ବାଚିତ ପ୍ରତିନିଧି ଏବଂ ପ୍ରଶାସନିକ ଅଧିକାରୀମାନେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କଲେ ଯୋଜନାଗୁଡ଼ିକ ସଫଳ ହୋଇପାରିବ ବୋଲି ଏମ୍‌ପି ପରାମର୍ଶ ଦେଇଥିଲେ। ଏହି ଅବସରରେ କୃଷି, ଶିକ୍ଷା, କାଳିଆ ଯୋଜନା ହିତାଧିକାରୀ ଚୟନ ନେଇ ସରଗରମ ଆଲୋଚନା ହୋଇଥିଲା। ପିସି କାରବାର ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ଜନପ୍ରତିନିଧିମାନେ ଉଦ୍‌ବେଗ ବ୍ୟକ୍ତ କରିଥିଲେ।

ବିଡିଓ ଝାଡ଼େଶ୍ୱର ଦାସ ବ୍ଲକରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ବିଭିନ୍ନ ବିଭାଗର ଅଧିକାରୀମାନେ ନିଜ ବିଭାଗ ପକ୍ଷରୁ ଗ୍ରହଣ କରାଯାଇଥିବା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଉପାଧ୍ୟକ୍ଷ ନରୋତ୍ତମ ସାହୁ, ସହକାରୀ ଯନ୍ତ୍ରୀ ଶ୍ରୀମନ୍ତ ଆଚାର୍ଯ୍ୟଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ ଉପସ୍ଥିତ ରହି ଅଞ୍ଚଳର ସମସ୍ୟା ଉପସ୍ଥାପନ କରିଥିଲେ।

■ପୂର୍ବଭାରତ ବିଜ୍ଞାନ ନାଟକ ପ୍ରତିଯୋଗିତା

# ପଞ୍ଚାୟତିରାଜ ହାଇସ୍କୁଲ ଚାମ୍ପିୟନ

ଢେଙ୍କାନାଳ ଅଫିସ, ୨୧।୮



- ଜାତୀୟସ୍ତରକୁ ଚୟନ ହେଲା 'ସୃଷ୍ଟି-ନିଡ୍‌ସ କେୟାର'
- ବିଚାରକଙ୍କ ମନ ଜିଣିଲା ଶିଶୁ କଳାକାରଙ୍କ ଅଭିନୟ

ଲଗାତର ତୃତୀୟ ଥର ପାଇଁ ପୂର୍ବଭାରତ ବିଜ୍ଞାନ ନାଟକ ପ୍ରତିଯୋଗିତାରେ ଚାମ୍ପିୟନ ହୋଇ ଜାତୀୟସ୍ତରକୁ ଚୟନ ହୋଇଛି ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ କାନପୁରା ପଞ୍ଚାୟତିରାଜ ହାଇସ୍କୁଲ। ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ମଞ୍ଚସ୍ଥ ନାଟକ 'ସୃଷ୍ଟି-ନିଡ୍‌ସ କେୟାର' ବିଚାରକଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଛି। ଏହାପରେ ନାଟକ ଟିମ୍‌କୁ ବିଭିନ୍ନ ମହଲରୁ ପ୍ରଶଂସାର ସୁଅ ଛୁଟିଛି।

ଜିଲା ଏବଂ ରାଜ୍ୟସ୍ତରରେ ଶ୍ରେଷ୍ଠ ସ୍ଥାନ ହାସଲ କରିବା ପରେ 'ସୃଷ୍ଟି-ନିଡ୍‌ସ କେୟାର' ପୂର୍ବ ଭାରତ ନାଟକ ପ୍ରତିଯୋଗିତାରେ ଭାଗ ନେବାକୁ ମନୋନୀତ ହୋଇଥିଲା। କଲିକତାର ବିର୍ଲା ଇଣ୍ଡଷ୍ଟ୍ରିଆଲ ଆଣ୍ଡ୍ ଟେକ୍ନୋଲୋଜିକାଲ ମ୍ୟୁଜିୟମ୍‌ରେ ବୁଧବାର ଆୟୋଜିତ ନାଟକରେ ଓଡ଼ିଶାରୁ ପ୍ରତିନିଧିତ୍ୱ କରିଥିଲା ଏହି ନାଟକ। ପରିବେଶ ସନ୍ତୁଳନ, ସୁରକ୍ଷା ଏବଂ ସଚେତନତା ଉପରେ ପର୍ଯ୍ୟବସିତ ଉକ୍ତ ନାଟକକୁ ନିଖୁଣ ଭାବେ ଅଭିନୟ ମାଧ୍ୟମରେ ଦର୍ଶାଇଥିଲେ ଶିକ୍ଷାନୁଷ୍ଠାନର କଳାକାର। ଆସନ୍ତା ଜାନୁୟାରୀ ୮ ଏବଂ ୯ରେ କଲିକତାରେ ଆୟୋଜିତ ହେବାକୁ ଥିବା ଜାତୀୟ ବିଜ୍ଞାନ ନାଟକ ପ୍ରତିଯୋଗିତାରେ କାନପୁରା ପଞ୍ଚାୟତିରାଜ ହାଇସ୍କୁଲ ପୂର୍ବ ଭାରତକୁ ପ୍ରତିନିଧିତ୍ୱ କରିବ।

ନାଟ୍ୟକାର ଦୀନେଶ ଦାସଙ୍କ ଦ୍ୱାରା ରଚିତ ଓ ନିର୍ଦ୍ଦେଶିତ ଏହି ନାଟକରେ ବିଜୟଲକ୍ଷ୍ମୀ ବିଶ୍ୱାଳ, ଶର୍ମିଷ୍ଠା ପ୍ରଧାନ, ସସ୍ମିତା ଦେହୁରୀ, ସଙ୍ଗୀତା ବେହେରା, ସ୍ୱୟଂଶୁଭମ୍ ନନ୍ଦ, ଜଗନ୍ନାଥ ରାଉତ, ଯଶୋବନ୍ତ ଦେହୁରୀ, ଅବିନାଶ କୁମାର ସାହୁ ପ୍ରମୁଖ ଅଭିନୟ କରିଥିଲେ। ଶିକ୍ଷୟିତ୍ରୀ କବିତା ରାଉତ, ସୁମିତ୍ରା ଜେନା, ଶିକ୍ଷକ ଧ୍ରୁବଚରଣ ସୁନ୍ଦରାୟ, ସମରେନ୍ଦ୍ର ନାୟକ, କର୍ମଚାରୀ ରବି ନାରାୟଣ ରାଉତ ପ୍ରମୁଖ ନାଟ୍ୟ ଦଳରେ ସାମିଲ ଥିଲେ। ଜିଲା ଶିକ୍ଷାଧିକାରୀ ସୁଧାନନ୍ଦ ପରିଡ଼ା ନାଟକରେ ଭାଗ ନେଇଥିବା ଛାତ୍ରୀଛାତ୍ର, ନିର୍ଦ୍ଦେଶକ ଏବଂ ସହଯୋଗୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ସଂକ୍ଷେପରେ

### ନବ କିଶୋର ପାଲଲହଡ଼ା ବ୍ଲକ୍ ଅଧ୍ୟକ୍ଷ



ପାଲଲହଡ଼ା, ୨୧।୮(ଡି.ଏନ.ଏ.)- ପାଲଲହଡ଼ାରେ ଚଳିତ ବିଧାନସଭା ନିର୍ବାଚନ ପରଠାରୁ ଖାଲି ପଡିଥିବା ପାଲଲହଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷ ପଦରେ ନବ କିଶୋର ନାଏକ ଅପ୍ରତିଦ୍ୱନ୍ଦ୍ୱୀ ଭାବେ ନିର୍ବାଚିତ ହୋଇଛନ୍ତି। ପାଲଲହଡ଼ା ବିଧାୟକ ମୁକେଶ କୁମାର ପାଲ ଅଧ୍ୟକ୍ଷ ପଦରୁ ଇସ୍ତଫା ଦେବା ପରେ ଉପାଧ୍ୟକ୍ଷା ଲିଲି ପ୍ରଧାନ କାମଚଳା ଅଧ୍ୟକ୍ଷ ଭାବେ ଦାୟିତ୍ୱ ନିର୍ବାହ କରୁଥିଲେ। ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ପରେ ବୁଧବାର ଏହି ପଦବୀ ପାଇଁ ଉପନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏକମାତ୍ର ପ୍ରାର୍ଥୀ ଭାବେ ବିଜେଡି ସମର୍ଥନରେ ନବ କିଶୋର ନାମାଙ୍କନ ପତ୍ର ଦାଖଲ କରିଥିଲେ। ଫଳରେ ନିର୍ବାଚନ ଅଧିକାରୀ ପାଲଲହଡ଼ା ତହସିଲଦାର ଫଳାଫଳକୁ ଲିପିବଦ୍ଧ କରି ନିର୍ବାଚନ କମିଶନଙ୍କ ପାଖକୁ ପଠାଇଥିବା ଜଣାପଡିଛି।

### ମାଡ଼ ମାରି ନେଇଗଲେ ଟଙ୍କା

ଅନୁଗୋଳ ଅଫିସ, ୨୧।୮- ଅନୁଗୋଳ ସହର ଉପକଣ୍ଠ ତଳସାହିରୁ ମଙ୍ଗଳବାର ସନ୍ଧ୍ୟାରେ ଭାରତ ଫାଇନାନ୍ସିଆଲ ଇନ୍କ୍ଲୁଜନ୍ ଲିମିଟେଡ୍ର ଜଣେ କର୍ମଚାରୀଙ୍କ ପାଖରୁ ୨୭ ହଜାର ୭ ଶହ ଟଙ୍କା ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ତିନି ଜଣ ଲୁଟେରା ଏକ ବାଇକ୍ରେ ଆସି ଏହି ଲୁଟ୍ କରିଥିବା କମ୍ପାନୀ ମ୍ୟାନେଜର ଶ୍ରୀକାନ୍ତ ନାରାୟଣ ଗିରି ଅନୁଗୋଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ନଂ. ୬୩୬/୧୯ରେ ମାମଲା ରୁଜୁ କରି ତଦନ୍ତ ଚଲାଇଥିବା ସୂଚନା ମିଳିଛି।

### ବାଇକ୍ ସାଇଡ୍ ମରା ଘଟଣାରେ ଦୁଇ ଗିରଫ

ଅନୁଗୋଳ ଅଫିସ, ୨୧।୮- ଅନୁଗୋଳ ହାଟ ଛକରେ ଗତ ୧୬ ତାରିଖ ରାତିରେ ବାଇକ୍ ସାଇଡ୍ ମରାକୁ ନେଇ ଜଣଙ୍କୁ ନିର୍ଘୃମ୍ ମାଡ଼ ମରାଯାଇଥିବା ଅନୁଗୋଳ ଥାନାରେ ଅଭିଯୋଗ ହୋଇଥିଲା। ଏ ନେଇ ପୋଲିସ ନଂ. ୬୨୨/୧୯ରେ ମାମଲା ରୁଜୁ କରି ଖଲାରୀ ଗଡ଼ପଦା ସାହିର ଜିତେନ୍ଦ୍ର ନାଥ(୨୪) ଓ ମୁକେଶ ନାଥ(୨୫)ଙ୍କୁ ଗିରଫ କରିଥିବା ଅନୁଗୋଳ ପୋଲିସ ପକ୍ଷରୁ ସୂଚନା ମିଳିଛି। ସୂଚନାଯୋଗ୍ୟ ଯେ, ଖଲାରୀ ଅଞ୍ଚଳର ସୁଶାନ୍ତ ପଟ୍ଟନାୟକ ଗତ ୧୬ ତାରିଖରେ ନିଜ ଘରକୁ ଫେରୁଥିଲେ। ଏହି ସମୟରେ ଜିତେନ୍ଦ୍ର ଓ ମୁକେଶ ଦ୍ରୁତଗତିରେ ବାଇକ୍ ଚଲାଇ ସୁଶାନ୍ତଙ୍କୁ ସାଇଡ୍ ମାରିଥିଲେ। ଏହାକୁ ନେଇ ଯୁକ୍ତିତର୍କ ହେବାରୁ ଉଭୟେ ସୁଶାନ୍ତଙ୍କୁ ମାଡ଼ ମାରିଥିଲେ।

### ଟ୍ରକ୍ ଧକ୍କାରେ ଜଣେ ଆହତ, ରାସ୍ତାରୋକୋ

ତାଳଚେର, ୨୧।୮(ନି.ପ୍ର.)- ପବିତ୍ରମୋହନ ଛକ ଠାରୁ ହାଣ୍ଡିଧୁଆଁ ଛକ ଦେଇ ଯାଇଥିବା ବାଇବାସ ରାସ୍ତାର ଲିଟିଲ ଆଞ୍ଜେଲ ସ୍କୁଲ ନିକଟରେ ବୁଧବାର ଏକ ଟ୍ରକ୍ ଧକ୍କାରେ ଜଣେ ବାଇକ୍ ଆରୋହୀ ଆହତ ହୋଇଛନ୍ତି। ଏହାକୁ ନେଇ ସ୍ଥାନୀୟ ଅଧିବାସୀଙ୍କ ମଧ୍ୟରେ ଉତ୍ତେଜନା ଦେଖାଦେଇଥିଲା। ନୋ-ଏଣ୍ଟ୍ରି ସମୟରେ ଉକ୍ତ ରାସ୍ତାରେ ଟ୍ରକ୍ ପଶିବାରୁ ଦୁର୍ଘଟଣା ଘଟିଥିବା ଅଭିଯୋଗ କରି ଏହାର ପ୍ରତିବାଦରେ ସ୍କୁଲ ନିକଟରେ ରାସ୍ତା ଅବରୋଧ କରିଥିଲେ। ବାଇପାସ ନିକଟରେ ଓ ହାଣ୍ଡିଧୁଆଁ ଛକରେ କାର୍ଯ୍ୟ କରୁଥିବା ହୋମଗାର୍ଡ, ପୋଲିସ ଟଙ୍କା ନେଇ ନୋ-ଏଣ୍ଟ୍ରି ସମୟରେ ରାସ୍ତାରେ ଭାରିଯାନ ଛାଡି ଦେଉଥିବା ଅଭିଯୋଗ ହୋଇଥିଲା। ଖବରପାଇ ଘଟଣାସ୍ଥଳରେ ପୋଲିସ ଓ ପ୍ରଶାସନିକ ଅଧିକାରୀ ପହଞ୍ଚି ବୁଝାଶୁଝା କରିବା ପରେ ଆନ୍ଦୋଳନ ହଟିଥିଲା।

### କାର୍-ଟିପ୍ପର ଧକ୍କା, ଜଣେ ଆହତ

ବଅଁରପାଳ, ୨୧।୮(ଡି.ଏନ.ଏ.)- ୫୫ ନମ୍ବର ଜାତୀୟ ରାଜପଥର ବଅଁରପାଳ ଥାନା ଯୋରାଗାଡିଆ ଛକ ନିକଟରେ ବୁଧବାର ଅପରାହ୍ନରେ ଏକ ଟିପ୍ପର ଓ କାର୍ ମଧ୍ୟରେ ଧକ୍କା ହୋଇଛି। ଏଥିରେ କାର ଚାଳକ ଆହତ ହୋଇଛନ୍ତି। କାର୍ଟି କଟକରୁ ଅନୁଗୋଳ ଆଡେ ଯାଉଥିବା ବେଳେ ପଛରୁ ଆସୁଥିବା ଟିପ୍ପରଟି ଧକ୍କା ଦେଇଥିଲା। ଏ ନେଇ ବଅଁରପାଳ ଥାନାରେ ଏକ ମାମଲା ରୁଜୁ ହୋଇଛି।

■ଜିଲା ପରିଷଦର ୪୯ ତମ ସାଧାରଣ ବୈଠକ

# ସମନ୍ୱୟ ରଖି କାର୍ଯ୍ୟ କରିବା ଉପରେ ଗୁରୁତ୍ୱ

ଅନୁଗୋଳ ଅଫିସ, ୨୧।୮

ଅନୁଗୋଳ ଜିଲା ପରିଷଦର ୪୯ତମ ସାଧାରଣ ବୈଠକ ବୁଧବାର ଜିଲା ପରିଷଦ ସମ୍ମିଳନୀ ଗୃହରେ ଜିଲା ପରିଷଦ ସଭାପତି ବାସନ୍ତୀ କିଷାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଢେଙ୍କାନାଳ ଏମ୍ପି ମହେଶ ସାହୁ, ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା, ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ସମ୍ବଲପୁର ଏମ୍ପିଙ୍କ ପ୍ରତିନିଧି ରୋହିତ ଗଙ୍ଗଦେବ, ଅନୁଗୋଳ ବିଧାୟକଙ୍କ ପ୍ରତିନିଧି ପ୍ରିୟଦର୍ଶୀ ପଟ୍ଟନାୟକ, ତାଳଚେର ବିଧାୟକଙ୍କ ପ୍ରତିନିଧି ମୁରଲୀଧର ସାହୁ ପ୍ରମୁଖ ଯୋଗଦେଇଥିଲେ। ଜିଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାକୁ ନିଷ୍ଠାର ସହ କାର୍ଯ୍ୟକାରୀ କରିବା ପାଇଁ ସମସ୍ତ ବିଭାଗୀୟ ଅଧିକାରୀ ସମନ୍ୱୟ ରଖି କାର୍ଯ୍ୟ କରିବା ଉପରେ ଅଧ୍ୟକ୍ଷା ଗୁରୁତ୍ୱାରୋପ କରିଥିଲେ। ପ୍ରାରମ୍ଭରେ ଜିଲାପାଳ ମନୋଜ କୁମାର ମହାନ୍ତି ସରକାରଙ୍କ ବିଭିନ୍ନ ଅଗ୍ରାଧିକାର ଯୋଜନାର ସଫଳ ରୂପାୟନ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବୈଠକରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ କାର୍ଯ୍ୟସୂଚୀ ଉପସ୍ଥାପନ କରିଥିଲେ।

ଜିଲା ପରିଷଦର ସାଧାରଣ ବୈଠକ ଓ ଗଠିତ ୭ଟି ଷ୍ଟାଣ୍ଡିଂ କମିଟି ବୈଠକ ନିୟମିତ ଅନୁଷ୍ଠିତ ହେଉ ନ ଥିବାରୁ ଅସନ୍ତୋଷ ପ୍ରକାଶ କରି ସଦସ୍ୟା ଓ ସଦସ୍ୟମାନେ ବୈଠକରୁ ଉଠିଯାଇଥିଲେ। ପୁନଶ୍ଚ ଅପରାହ୍ନ ୨ଟାରେ ବୈଠକ ଅନୁଷ୍ଠିତ ହୋଇ ବିଭିନ୍ନ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା ହୋଇଥିଲା। ସଦସ୍ୟା ଓ ସଦସ୍ୟମାନେ ନିଜ ନିଜ ଅଞ୍ଚଳରେ ଇନ୍ଦିରାଆବାସ, ବିଜୁ ପକ୍କାଘର, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ପାନୀୟ ଜଳ ଯୋଗାଣର ସମସ୍ୟା ସମାଧାନ ଉପରେ ଦାବି ଉପସ୍ଥାପନ କରିଥିଲେ। ୭ ଦିନ ମଧ୍ୟରେ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନିଜ ଅଞ୍ଚଳର ଲୋକପ୍ରତିନିଧିମାନଙ୍କ ସହ ଆଲୋଚନା କରି ଏହାର ସମାଧାନ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ମୋଟ ୧୨୦୪୫.୬୫ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ୩୬୨୬୮୦ଟି ଶ୍ରମ ଦିବସ ସୃଷ୍ଟି କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)ରେ ରାଜ୍ୟ ସରକାରଙ୍କ ଠାରୁ ୧୩ ହଜାର ଗୃହ ନିର୍ମାଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ମିଳିଛି। ମଞ୍ଜୁର ହୋଇଥିବା ୬୮୮୩ ଗୃହ ମଧ୍ୟରୁ ୩୬୬୧ଟି ଗୃହକୁ ପ୍ରଥମ କିସ୍ତି ପ୍ରଦାନ କରାଯାଇଛି। ବିଜୁ ପକ୍କାଘର ଯୋଜନାରେ ବର୍ତ୍ତମାନ ସୁଦ୍ଧା ୬୯୧ଟି ଗୃହର ନିର୍ମାଣ ସମ୍ପୂର୍ଣ୍ଣ ହୋଇଛି ବୋଲି ବୈଠକରେ ସୂଚନା ଦିଆଯାଇଥିଲା। ଜିଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରର ଭଗ୍ନ ଓ ପରିତ୍ୟକ୍ତ ଗୃହରେ ବିପଦପୂର୍ଣ୍ଣ ଭାବେ ଚିକିତ୍ସା ଚାଲୁଥିବା ଅଭିଯୋଗ ସମ୍ପର୍କରେ ଅନୁଧ୍ୟାନ କରିବାକୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଜିଲାପାଳ ପରାମର୍ଶ ଦେଇଥିଲେ। ସେହିପରି ପଞ୍ଚାୟତ ଗୁଡ଼ିକରେ ମିନି ଷ୍ଟାଡିୟମ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ପାନୀୟ ଜଳ ସମସ୍ୟା ଥିବା ଗ୍ରାମ ଗୁଡ଼ିକୁ ତୁରନ୍ତ ଚିହ୍ନଟ କରି ଆସନ୍ତା ୭ ଦିନ ମଧ୍ୟରେ ବିକଳ୍ପ ବ୍ୟବସ୍ଥା କରିବାକୁ ଜିଲାପାଳ ବିଭାଗୀୟ ଯନ୍ତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ବିଭିନ୍ନ ଚିକିତ୍ସାଳୟରେ ଆବଶ୍ୟକ ମାଗଣା ଔଷଧ ଓ ସ୍ୱାସ୍ଥ୍ୟ ସେବା ଠିକ୍ ଭାବେ ଉପଲବ୍ଧ ହେଉ ନ ଥିବା ସମ୍ପର୍କରେ ସଦସ୍ୟମାନେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭିନ୍ନ ପଞ୍ଚାୟତ ସମିତିର ଅଧ୍ୟକ୍ଷା, ଅଧ୍ୟକ୍ଷ, ଜିଲା ପରିଷଦ ସଦସ୍ୟା ସଦସ୍ୟ ଓ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ। ଜିଲା ପରିଷଦ ଉପାଧ୍ୟକ୍ଷ ଇନ୍ଦ୍ରମଣି ଗଡ଼ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଅସନ୍ତୋଷ ଖାଡ଼ିଲେ, ଉଠି ପଳାଇଲେ



ଅନୁଗୋଳ ଅଫିସ, ୨୧।୮

ଜିଲା ପରିଷଦ ବୈଠକ ଚାଲିଥିବା ବେଳେ ବିଜେଡି ଓ ଭାଜପାର କେତେଜଣ ସଦସ୍ୟାସଦସ୍ୟ ପ୍ରଶାସନ ଉପରେ ବର୍ଷିଥିଲେ। ୧୦ଟି ସ୍ଥାନରେ ମାତ୍ର ୬ଟି ବୈଠକ ହୋଇଥିବା ସେମାନେ ଅଭିଯୋଗ କରିବା ସହ ଖାଲି କାଗଜରେ ଦସ୍ତଖତ କରି ପ୍ରଶାସନ ବିଭିନ୍ନ କାର୍ଯ୍ୟ କରାଇ ନେଉଥିବାରୁ ଏହି ବୈଠକର କୌଣସି ଆବଶ୍ୟକତା ନାହିଁ ବୋଲି କହି ସଦସ୍ୟାସଦସ୍ୟମାନେ ଉଠି ପଳାଇଥିଲେ। ସେମାନେ ଅଭିଯୋଗ କରିଥିଲେ ଯେ, ଲୋକଙ୍କ ପ୍ରତିନିଧିମାନଙ୍କୁ ପ୍ରଶାସନିକ ଅଧିକାରୀମାନେ ଚିହ୍ନୁ ନାହାନ୍ତି। ତେଣୁ ଜିଲାକୁ ଲୋକ ପ୍ରତିନିଧିଙ୍କ ଆବଶ୍ୟକତା ନାହିଁ ବୋଲି ସେମାନେ କ୍ଷୋଭ ପ୍ରକାଶ କରି ବୈଠକ ବର୍ଜନ ସହ ଡିଆର୍ଡିଏ ସମ୍ମିଳନୀ କକ୍ଷକୁ ପଳାଇଥିଲେ। ପରେ ଉପସ୍ଥିତ ବିଧାୟକ ଓ ଜିଲାପାଳ ସେମାନଙ୍କୁ ବୁଝାଶୁଝା କରିଥିଲେ। ଆଗାମୀ ଦିନରେ ଏପରି ସମସ୍ୟା ହେବ ନାହିଁ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ତେବେ ଢେଙ୍କାନାଳ ଏମ୍ପିଙ୍କ ହସ୍ତକ୍ଷେପ ପରେ ସଦସ୍ୟା ସଦସ୍ୟମାନେ ଅପରାହ୍ନ ୨ଟାରେ ବୈଠକକୁ ଫେରିଥିଲେ।

## ଜେଏସ୍ପିଏଲ୍ ପକ୍ଷରୁ ପାଠ୍ୟ ଉପକରଣ ପ୍ରଦାନ

ଅନୁଗୋଳ ଅଫିସ, ୨୧।୮

ଅନୁଗୋଳସ୍ଥିତ ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡର ସାମାଜିକ ଦାୟିତ୍ୱବୋଧ ବିଭାଗ ଭାବେ କାର୍ଯ୍ୟ କରୁଥିବା ଜେଏସ୍ପିଏଲ ଫାଉଣ୍ଡେଶନ ଓ ଜନ ଅଗଷ୍ଟସ୍ ପ୍ରିଜନ ଆଣ୍ଡ ସୋସିଆଲ ୱେଲଫେୟାର ସର୍ଭିସେସ୍ର ସହଭାଗିତାରେ ଅନୁଗୋଳ ଜେଲ ଅନ୍ତେବାସୀଙ୍କ ପିଲାଙ୍କ ପାଇଁ ପାଠ୍ୟ ଉପକରଣ ସେଟ ପ୍ରଦାନ କରାଯାଇଛି। ଏହି ଅବସରରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ଅନୁଗୋଳ ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ ୭୩ଟି ପାଠ୍ୟ ଉପକରଣ ସେଟ୍ ଜେଲ ଅନ୍ତେବାସୀଙ୍କୁ ପ୍ରଦାନ କରିଥିଲେ।

କାର୍ଯ୍ୟକ୍ରମରେ ଜେଏସ୍ପିଏଲ୍ ଓଡିଶା ମୁଖ୍ୟ ପରିଚାଳନା ଅଧିକାରୀ ପଙ୍କଜ ଗୌତମ ଯୋଗଦେଇ କହିଥିଲେ ଯେ, ଜେଏସ୍ପିଏଲ ଅଧ୍ୟକ୍ଷ ନବୀନ ଜିନ୍ଦଲ ଓ ଜେଏସ୍ପିଏଲ ଫାଉଣ୍ଡେଶନର ସହ ଅଧ୍ୟକ୍ଷା ଶାଲୁ ଜିନ୍ଦଲଙ୍କ ସାମାଜିକ ମିଶନ କ୍ଷେତ୍ରରେ ଶିକ୍ଷାର ମହତ୍ତ୍ୱ ବହୁତ ଅଧିକ। ଏହାସହ ଜେଏସ୍ପିଏଲ ଫାଉଣ୍ଡେଶନକୁ ଏହି ମହତ କାର୍ଯ୍ୟରେ ସାମିଲ କରିଥିବାରୁ ଜିଲା ପ୍ରଶାସନ, ଜେଲ ବିଭାଗ ଓ ଜନ ଅଗଷ୍ଟସ ପ୍ରିଜନ ଆଣ୍ଡ ସୋସିଆଲ ୱେଲଫେୟାର ସର୍ଭିସେସ୍ ସଂସ୍ଥାକୁ ଧନ୍ୟବାଦ ଜଣାଇଥିଲେ। ଜନ ଅଗଷ୍ଟସ ପ୍ରିଜନ ଆଣ୍ଡ ସୋସିଆଲ ୱେଲଫେୟାର ସର୍ଭିସେସର ସମ୍ପାଦକ ପ୍ରାଣକୃଷ୍ଣ ଚୌଧୁରୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉତ୍ସବରେ ଜେଏସ୍ପିଏଲ ଉପସଭାପତି ଏସ୍.କେ. ଶର୍ମା, ଜିଏମ୍ ସିଏସ୍ଆର୍ ପୁଷ୍ପଲତା ଶତପଥୀ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଜେଲ ଅଧୀକ୍ଷକ ରାଜକିଶୋର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଶିକ୍ଷକ ନିଯୁକ୍ତି ପାଇଁ ଦାବି



ବୈଠକରେ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଓ ଅଭିଭାବକମାନେ।

ବନ୍ତଳା, ୨୧।୮ (ଡି.ଏନ୍.ଏ.)

ଅନୁଗୋଳ ବ୍ଲକ ଅନ୍ତୁଳିଆ ପଞ୍ଚାୟତ ଦଣ୍ଡସିଂହା ଗ୍ରାମରେ ଥିବା ଜନତା ନୋଡାଲ ଉ.ପ୍ରା. ବିଦ୍ୟାଳୟରେ ଶିକ୍ଷକ ଓ ଶ୍ରେଣୀଗୃହ ଅଭାବରୁ ଛାତ୍ରୀଛାତ୍ରମାନେ ଆସୁନାହାନ୍ତି। ପ୍ରଥମ ଶ୍ରେଣୀରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ଏହି ବିଦ୍ୟାଳୟରେ ସର୍ବନିମ୍ନ ୫ ଜଣ ଶିକ୍ଷକ ନିଯୁକ୍ତ ହେବା କଥା। କିନ୍ତୁ ବର୍ତ୍ତମାନ ୪ ଜଣ ଶିକ୍ଷକ ଥିବା ବେଳେ ସେମାନଙ୍କ ମଧ୍ୟରୁ ୨ ଜଣ ଶିକ୍ଷକଙ୍କୁ ବିଭିନ୍ନ କାର୍ଯ୍ୟରେ ନିୟୋଜିତ କରାଯାଉଛି। ସେହିପରି ଶ୍ରେଣୀଗୃହର ଅଭାବ ସହ ବର୍ଷା ହେଲେ ଟାଇଲ୍ ଛପର ଘରୁ ପାଣି ଗଳୁଛି। ତେଣୁ ପିଲାମାନେ ବାଧ୍ୟ ହୋଇ ଛାତ ଘରେ ଅତି ଅସୁବିଧାରେ ପଢୁଛନ୍ତି। ସମସ୍ୟା ସମ୍ପର୍କରେ ଅନୁଗୋଳ ବିଇଓକୁ ଲିଖିତ ଅଭିଯୋଗ କରାଯିବା ସତ୍ତ୍ୱେ କୌଣସି ସୁଫଳ ମିଳୁନାହିଁ। ମଙ୍ଗଳବାର ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଦୀପ୍ତ କିଶୋର ସାହୁଙ୍କ ଆହ୍ୱାନ କ୍ରମେ ଏକ ଜରୁରୀ ବୈଠକ ବସି ସମସ୍ୟା ସମାଧାନ ନ ହେବା ପର୍ଯ୍ୟନ୍ତ ପିଲାମାନଙ୍କୁ ବିଦ୍ୟାଳୟକୁ ଛଡ଼ାଯିବ ନାହିଁ ବୋଲି ଅଭିଭାବକମାନେ ନିଷ୍ପତ୍ତି ନେଇଛନ୍ତି।

## ପଡ଼ୋଶୀ ଯୁବ ସଂସଦ କାର୍ଯ୍ୟକ୍ରମ




କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ।

ଛେଣ୍ଡିପଦା, ୨୧।୮(ଡି.ଏନ.ଏ.)

ଛେଣ୍ଡିପଦା ବ୍ଲକ ତୁକୁଡା ଗ୍ରାମରେ ପଡୋଶୀ ଯୁବ ସଂସଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉତ୍କଳ ସେବା ସଂସଦ ତୁକୁଡା ଏବଂ ନେହେରୁ ଯୁବକେନ୍ଦ୍ର ଅନୁଗୋଳ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଂସଦ ସଭାପତି ଦିଲୀପ କୁମାର ସାହୁ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ଶିକ୍ଷା, ସ୍ୱାସ୍ଥ୍ୟ, ସାମାଜିକ ସମସ୍ୟା, ପରିବେଶ ସୁରକ୍ଷା, ସ୍ୱଚ୍ଛତା, ମହିଳା ସଶକ୍ତୀକରଣ ଆଦି ସମ୍ପର୍କରେ ଆଲୋଚନା କରାଯାଇଥିଲା। ମୁଖ୍ୟଅତିଥି ଭାବେ ଜରପଡା ପତିତପାବନ ଜୁନିୟର ମହାବିଦ୍ୟାଳୟ ଅଧ୍ୟକ୍ଷ ଜଗବନ୍ଧୁ ସାହୁ, ମୁଖ୍ୟବକ୍ତା ପରିବେଶବିତ ଦିଲୀପ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ସୁଶାନ୍ତ କୁମାର ତ୍ରିପାଠୀ, କୋଶଳା ଇଣ୍ଡିଆନ ଓଭରସିଜ ବ୍ୟାଙ୍କ ଶାଖା ପରିଚାଳକ ମୀନକେତନ ପଟ୍ଟନାୟକ, ତୁକୁଡା ହାଇସ୍କୁଲ ଶିକ୍ଷକ ସୁରେଶ ଚନ୍ଦ୍ର ପ୍ରଧାନ, ଯୁବକେନ୍ଦ୍ର ପ୍ରୋଗ୍ରାମ ଅଫିସର ହେମାଳିନୀ ଜେନା ପ୍ରମୁଖ ଯୋଗ ଦେଇଥିଲେ।

## ଉଦ୍ଧାର ବୃଦ୍ଧାଙ୍କ ମେଡିକାଲରେ ମୃତ୍ୟୁ

ଅନୁଗୋଳ ଅଫିସ, ୨୧।୮

ଅନୁଗୋଳ ହନୁମାନ ବଜାର ନିକଟରୁ ଗତ ୯ ତାରିଖରେ ଉଦ୍ଧାର ହୋଇ ଚିକିତ୍ସାଧୀନ ଥିବା ଜଣେ ବୃଦ୍ଧାଙ୍କ ମଙ୍ଗଳବାର ମୃତ୍ୟୁ ହୋଇଛି। ସମ୍ପୃକ୍ତା ବୃଦ୍ଧା ହେଲେ ରାମପ୍ରସାଦ ଯାଦବ(୭୦) ଓ ତାଙ୍କ ଘର ମଧ୍ୟପ୍ରଦେଶରେ ବୋଲି ପୋଲିସ କହିଛି। ଏ ନେଇ ଅନୁଗୋଳ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ୨୮ କୁଇଣ୍ଟାଲ ପଲିଥିନ ଜବତ, ହଜାରେ ଟଙ୍କା ଜରିମାନା

ଅନୁଗୋଳ ଅଫିସ, ୨୧।୮

ଅନୁଗୋଳ ସହର ହରିମହୁରୀ ଛକରୁ ବୁଧବାର ପୌର କର୍ମଚାରୀମାନେ ୨୮ କୁଇଣ୍ଟାଲ ପଲିଥିନ ଜବତ କରିବା ସହ ୧ ହଜାର ଟଙ୍କା ଜରିମାନା ଆଦାୟ କରିଛନ୍ତି। ତେବେ ଏତେ ପରିମାଣର ପଲିଥିନ ଜବତ ହୋଇଥିଲେ ବି ମାତ୍ର ୧ ହଜାର ଟଙ୍କା ଜରିମାନା ଆଦାୟ ହୋଇଥିବାରୁ ଏହାକୁ ନେଇ ଅନେକ ବ୍ୟବସାୟୀ ପ୍ରଶ୍ନ ଉଠାଇଛନ୍ତି। ସେମାନଙ୍କ ନିକଟରୁ ଏକ କୁଇଣ୍ଟାଲ ପଲିଥିନ ଜବତ ହେଲେ ୫ରୁ ୧୦ ହଜାର ଟଙ୍କା ଜରିମାନା ନିଆଯାଉଥିବା ବେଳେ ଏ କ୍ଷେତ୍ରରେ ମାତ୍ର ୧ ହଜାର କାହିଁକି ବୋଲି ସେମାନେ ପ୍ରଶ୍ନ କରିଛନ୍ତି।

**ପ୍ରଶ୍ନ ଉଠାଇଲେ ବହୁ ବ୍ୟବସାୟୀ**

ପ୍ରକାଶ ଯେ, ବରଗଡ଼ରୁ ଏକ ପିକ୍ଅପ ଭ୍ୟାନ ନଂ. (ଓଡି୧୫ଏଲ୍-୮୫୦୧)ରେ ୨୮ କୁଇଣ୍ଟାଲ ପଲିଥିନ ଅନୁଗୋଳ ଆସୁଥିବା ପୌରସଂସ୍ଥା ନିକଟରେ ଖବର ପହଞ୍ଚିଥିଲା। ତେଣୁ ପୌରକର୍ମଚାରୀମାନେ ହରିମହୁରୀ ଛକରେ ଚଢ଼ାଉ କରି ପଲିଥିନ ସହ ଗାଡ଼ିକୁ ପୌରକାର୍ଯ୍ୟାଳୟକୁ ଆଣିଥିଲେ। ଗାଡ଼ିରେ ପ୍ରାୟ ୧ ଲକ୍ଷ ୩୦ ହଜାର ଟଙ୍କାର ପଲିଥିନ ଥିବା ଜଣାପଡ଼ିବା ପରେ ଜୋରିମାନା ବାବଦକୁ ୧ ହଜାର ଟଙ୍କା କଟାଯିବା ସହ ଉକ୍ତ ପଲିଥିନକୁ ଜବତ କରାଯାଇଥିବା ପୌରନିର୍ବାହୀ ଅଧିକାରୀ ଶୁଭେନ୍ଦୁ ଜେନା ସୂଚନା ଦେଇଛନ୍ତି। ତେବେ ସହରର ବ୍ୟବସାୟୀମାନେ ଉଠାଇଥିବା ପ୍ରଶ୍ନ ଉପରେ ଜେନା ଆଦୌ ମୁହାଁ ଖୋଲି ନାହାନ୍ତି।

■ସଲାସୁତରାରେ ଚାଲିଛି ଦୋକାନ ଘର ଭଡ଼ା ବେପାର

# ପ୍ରମାଣ ପାଉନି ପୌରପାଳିକା

ଅନୁଗୋଳ ଅଫିସ, ୨୧।୮

■ଭଡ଼ା ନେଇଥିବା ବ୍ୟବସାୟୀ ଦେଉଛନ୍ତି ଅନ୍ୟଜଣଙ୍କୁ

■ମଧ୍ୟସ୍ଥ ସାଜି କରୁଛନ୍ତି ଭଲ ଅର୍ଥ ଆଦାୟ

■ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହରାଉଛି ପୌରସଂସ୍ଥା




ଅନୁଗୋଳ ପୌରପାଳିକା ପକ୍ଷରୁ ସହରରେ ଦୋକାନ ଗୃହ ନିର୍ମାଣ କରାଯାଇ ଭଡ଼ାରେ ଲଗାଯାଇଛି। ହେଲେ ଉକ୍ତ ଘର ନେଇଥିବା ବ୍ୟବସାୟୀମାନଙ୍କ ମଧ୍ୟରୁ କେତେଜଣ ସେଠାରେ ବେପାର ନ କରି ଚଢ଼ା ଦରରେ ଅନ୍ୟ ବ୍ୟବସାୟୀଙ୍କୁ ଭଡ଼ା ଲଗାଇ ଭଲ ରୋଜଗାର କରୁଥିବା ସହରରେ ସର୍ବଦା ଚର୍ଚ୍ଚା ହେଉଛି। କିନ୍ତୁ ପୌର ସଂସ୍ଥା ପ୍ରତି ମାସରେ ଧାର୍ଯ୍ୟ ଭଡ଼ା ପାଇଯାଉଥିବାରୁ ଏହି ବେଆଇନ କାରବାର ଦିଗରେ ମୁଣ୍ଡ ଖେଳାଉ ନ ଥିବା ଚଢ଼ା ଦରରେ ସେଠାରେ ବ୍ୟବସାୟ କରୁଥିବା କେତେଜଣ ବ୍ୟବସାୟୀ ଅଭିଯୋଗ କରୁଛନ୍ତି। ଏଥିଯୋଗୁ ବହୁ ଯୋଗ୍ୟ ବ୍ୟକ୍ତି ଘର ପାଇବାରୁ ବଞ୍ଚିତ ହେଉଥିବା ବେଳେ ସମ୍ପୃକ୍ତ ମୁଷ୍ଟିମେୟ ବ୍ୟବସାୟୀମାନେ କେତେଜଣ କର୍ମଚାରୀଙ୍କୁ ହାତ କରି ସଲାସୁତରାରେ ବର୍ଷ ବର୍ଷ ଧରି ଏପରି ବେପାର ଚଳାଇଥିବାରୁ ପୌରସଂସ୍ଥାର ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହାନି ଦେଉଥିବା କୁହାଯାଉଛି।

ଅନୁଗୋଳ ସହରର ବିଭିନ୍ନ ଅଞ୍ଚଳରେ ପୌରସଂସ୍ଥାର ୭୨୮ଟି ଦୋକାନ ଘର ରହିଛି। ଏହି ସମସ୍ତ ଦୋକାନ ଘର ଲଟେରି ମାଧ୍ୟମରେ ବହୁ ପୂର୍ବରୁ ବଣ୍ଟାଯାଇଛି। ସ୍କୋୟାରଫୁଟ ପ୍ରତି ୫ରୁ ୭ଟଙ୍କା ଧାର୍ଯ୍ୟ କରାଯାଇଥିବାରୁ କେଉଁ ଦୋକାନର ଭଡ଼ା ମାସିକ ୪୦୦ ଟଙ୍କା ଥିବା ବେଳେ କେତେକରୁ ୭୦୦ ଟଙ୍କା ଆଦାୟ ହେଉଛି। ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଯେଉଁ ବ୍ୟବସାୟୀମାନେ ପୌର ସଂସ୍ଥାରୁ ଘର ନେଇଛନ୍ତି ସେମାନଙ୍କ ମଧ୍ୟରୁ କେତେଜଣ ନିଜେ ବ୍ୟବସାୟ ନ କରି ଉକ୍ତ ଦୋକାନ ଗୃହକୁ ଚଢ଼ା ଭଡ଼ାରେ ଅନ୍ୟ ବ୍ୟବସାୟୀଙ୍କୁ ଦେଇଛନ୍ତି। ଫଳରେ ପ୍ରତି ମାସରେ ମିଳୁଥିବା ଭଡ଼ାରୁ ସ୍ୱଳ୍ପ ଅର୍ଥ ପୌର ସଂସ୍ଥାକୁ ଦେଇ ବଳକା ଅର୍ଥ ସେମାନେ ପକେଟରେ ପୂରାଉଛନ୍ତି। ଏପରି ବେଆଇନ କାରବାର ଯୋଗୁ ପୌର ସଂସ୍ଥାର ରାଜସ୍ୱ ହାନି ହେଉଥିବା ବେଳେ ଚଢ଼ା ଭଡ଼ାରେ ବ୍ୟବସାୟ କରୁଥିବା ବ୍ୟବସାୟୀମାନେ ଶୋଷଣର ଶିକାର ହେଉଛନ୍ତି। ଦୋକାନ ଘରର ପ୍ରକୃତ ମାଲିକ ପୌର ସଂସ୍ଥା ମାତ୍ର ୪ଶହରୁ ୭ଶହ ଟଙ୍କା ଭଡ଼ା ନେଉଥିବା ବେଳେ ସମ୍ପୃକ୍ତ ମଧ୍ୟସ୍ଥମାନେ କାହିଁକି ମାସିକ ହଜାର ହଜାର ଟଙ୍କା ନେବେ ତାହାକୁ ନେଇ ସେମାନେ ପ୍ରଶ୍ନ ଉଠାଇଛନ୍ତି। ନିୟମ ଅନୁସାରେ ଲଟେରି ମାଧ୍ୟମରେ ଘର ନେଇଥିବା ବ୍ୟବସାୟୀମାନେ ସିଧସଳଖ ବା ପୌରସଂସ୍ଥା ଅଜାଣତରେ ଦୋକାନ ଅନ୍ୟ କାହାକୁ ହସ୍ତାନ୍ତର କରିପାରିବେ ନାହିଁ। କିନ୍ତୁ ବହୁ ଦୋକାନ ଗୃହ ଏପରି ବେଆଇନ ଭାବେ ଚଢ଼ା ଭଡ଼ାରେ ଲଗାଯାଇଥିଲେ ବି ପୌରପାଳିକା ପକ୍ଷରୁ କିଛି ବି ପଦକ୍ଷେପ ନିଆଯାଉ ନ ଥିବାରୁ ସେମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି।

ଏ ସମ୍ପର୍କରେ ପୌରନିର୍ବାହୀ ଅଧିକାରୀ ଶୁଭେନ୍ଦୁ ଜେନା କହିଛନ୍ତି, ଦୋକାନ ଗୃହ ଚଢ଼ା ଭଡ଼ାରେ ଲଗାଯିବା କଥା ବିଭିନ୍ନ ସମୟରେ ଶୁଣିବାକୁ ପାଉଛୁ। କିନ୍ତୁ କୌଣସି ଉପଯୁକ୍ତ ପ୍ରମାଣ ନ ଥିବାରୁ ବାଧ୍ୟ ହୋଇ ଚୁପ୍ ରହିବାକୁ ପଡୁଛି। ଏପରି କି ଯେଉଁ ବ୍ୟକ୍ତିମାନଙ୍କ ନାମରେ ଦୋକାନ ଗୃହ ଆବଣ୍ଟନ କରାଯାଇଛି, ସେମାନେ ତାଙ୍କର ଭଡ଼ା ଓ ଇଲେକ୍ଟ୍ରି ବିଲ୍ ଆଣି ପୌରପାଳିକାରେ ପୈଠ କରୁଛନ୍ତି। ଯଦି କୌଣସି ସ୍ଥାନରେ ଏଭଳି ପ୍ରମାଣ ମିଳେ ତା'ହେଲେ ତୁରନ୍ତ ସମ୍ପୃକ୍ତ ବ୍ୟକ୍ତିଙ୍କ ନାମ ଆବଣ୍ଟନ ତାଲିକାରୁ ହଟାଯିବ ବୋଲି ଜେନା ପ୍ରକାଶ କରିଛନ୍ତି।

ଧରିତ୍ରୀର ଢେଙ୍କାନାଳ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, କାମାକ୍ଷାନଗର-୯୪୩୭୩୬୦୯୭୦, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୪୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଳ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୭୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୭୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୭୮, କଣିହାଁ-୭୮୯୪୪୬୨୯୧୨, ବଅଁରପାଳ- ୭୮୯୪୪୬୨୯୧୬, ବନ୍ତଳା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୭୮୯୪୪୬୨୯୧୯, ପାଲଲହଡା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ, ଗୁରୁବାର, ୨୨ ଅଗଷ୍ଟ /୨୦୧୯, Dhenkanal, Thursday August 22 / 2019




## ■ଡିଏଭି ସ୍କୁଲ ଫି ବୃଦ୍ଧିର ପ୍ରତିବାଦ

# ଜଗନ୍ନାଥ ଜିଏମ୍ ଅଫିସ୍ ସମ୍ମୁଖରେ ଧାରଣା



ଅଭିଭାବକ ସଂଘ ପକ୍ଷରୁ ଜଗନ୍ନାଥ ଏରିଆ ମହାପ୍ରବନ୍ଧକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି।

**ତାଳଚେର, ୨୧।୮(ନି.ପ୍ର.)**

ଏମ୍‌ସିଏଲ୍ ଦ୍ୱାରା ପରିଚାଳିତ ତାଳଚେର ସ୍ଥିତ ଡିଏଭି ସ୍କୁଲଗୁଡିକରେ ଫି ବୃଦ୍ଧି ପ୍ରତିବାଦରେ ବୁଧବାର ଅଣ ଏମ୍‌ସିଏଲ୍ ଅଭିଭାବକସଂଘ ଓ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଡେରା ସ୍ଥିତ ଜଗନ୍ନାଥ ଏରିଆ ମହାପ୍ରବନ୍ଧକ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଅଭିଭାବକଙ୍କ ଅଭିଯୋଗ ମୁତାବକ, ଚଳିତ ବର୍ଷ ସ୍କୁଲରେ ହଠାତ୍ ଫି ବୃଦ୍ଧି କରାଯାଇଛି, ଯାହା କି ଗତବର୍ଷର ଫି ଠାରୁ ୩ ଗୁଣା ଅଧିକ। ଏ ନେଇ ବାରମ୍ବାର ଅଭିଯୋଗ ସତ୍ତ୍ୱେ କିଛି ସୁଫଳ ନ ମିଳିବାରୁ ଧାରଣା ଦିଆଯାଇଥିଲା। ପରେ ଜେନେରାଲ ମ୍ୟାନେଜର ଏମ.ଜି ବ୍ରହ୍ମପୁରକରଙ୍କ ଅଧ୍ୟକ୍ଷତାରେ ଏ ସଂକ୍ରାନ୍ତରେ ଏକ ବୈଠକ ବସିଥିଲା। ଏଥିରେ ଡେରା ଓ ଅନନ୍ତ ଡିଏଭିର ଅଧ୍ୟକ୍ଷ, ଜଗନ୍ନାଥ ଏରିଆର ଏପିଏମ, ଅଣ ଏମସିଏଲ ଅଭିଭାବକ ସଂଘର ସମ୍ପାଦକ ଦେବ ରଞ୍ଜନ ସାମଲ, ବିଜୁ ଛାତ୍ର ଜନତା ଦଳର ରାଜେଶ ଦାସ, ଗିରିଶ ଚନ୍ଦ୍ର ସାମଲ, ମାନସ ରଞ୍ଜନ ସାହୁ, ଜିତେନ୍ଦ୍ର ମହାନ୍ତି ଓ ଅନ୍ୟମାନେ ଉପସ୍ଥିତ ଥିଲେ । ଫି ବୃଦ୍ଧି ଅସନ୍ତୋଷ ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି । ଯେ ପର୍ଯ୍ୟନ୍ତ ପୁନର୍ବାର ନିର୍ଦ୍ଦିଷ୍ଟ କୌଣସି ବିଜ୍ଞପ୍ତି ପ୍ରକାଶ ନ ପାଇଛି ସେ ପର୍ଯ୍ୟନ୍ତ କୌଣସି ଅଭିଭାବକ ବର୍ଦ୍ଧିତ ଫି ଦେବାକୁ ବାଧ୍ୟ ନୁହନ୍ତି। ଯେଉଁ ଅଭିଭାବକମାନେ ଫି ଦାଖଲ କରିଛନ୍ତି ଆଗାମୀ ବର୍ଷ ତାଙ୍କର ଫିରୁ ଏହା ବାଦ କରାଯିବ ବୋଲି ଖଣି କର୍ତ୍ତୃପକ୍ଷ ବୈଠକରେ ପ୍ରକାଶ କରିଥିଲେ। ଏଥିସହ ସ୍କୁଲ ପିଲାଙ୍କ ଯାତାୟାତ ନିମନ୍ତେ ଆଉ ୨ ଟି ବସ୍ ଯୋଗାଇ ଦିଆଯିବ ବୋଲି ସୂଚନା ଦେଇଥିଲେ। ଅପରପକ୍ଷେ ଯଦି ଖଣି କର୍ତ୍ତୃପକ୍ଷ ଫି ବୃଦ୍ଧି ପ୍ରତ୍ୟାହାର ନ କରନ୍ତି ତେବେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି।

## ବିଦ୍ୟୁତ୍ ଆଘାତରେ ଜଣେ ଗୁରୁତର

**ତାଳଚେର, ୨୧।୮(ଡି.ଏନ.ଏ.)**

ତାଳଚେର ଥର୍ମାଲ ଆନନ୍ଦବଜାର ନିକଟରେ ବୁଧବାର ଏକ କୋଇଲା ବୋଝେଇ ଟ୍ରେନରେ ଚଢି କୋଇଲା ସଂଗ୍ରହ କରୁଥିବାବେଳେ ରାଜୁ ରଜୱାଡ ନାମକ ଜଣେ ବ୍ୟକ୍ତି ବିଦ୍ୟୁତ୍ ଆଘାତରେ ଗୁରୁତର ହୋଇଛନ୍ତି। ତାଙ୍କ ଘର ରାଞ୍ଚି ଅଞ୍ଚଳରେ। ୫ ବର୍ଷ ହେଲା ସେ ତାଳଚେରରେ ରହି ଆସୁଥିଲେ। ଟ୍ରେନ୍‌ରେ ଚଢିଥିବାବେଳେ ତାଙ୍କ ଦେହରେ ବିଦ୍ୟୁତ୍ ତାର ଲାଗି ଯାଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଅନୁଗୋଳ ଜିଲା ଚିକିତ୍ସାଳୟକୁ ପଠାଇଥିଲେ। ତାଙ୍କ ଶରୀରର ପ୍ରାୟ ୮୦ ପ୍ରତିଶତ ପୋଡିଯାଇଥିବା ଜଣାପଡିଛି।

## ବାଇକ୍ ଚୋରି

**ବଣ୍ଡଁରପାଳ, ୨୧।୮(ଡି.ଏନ.ଏ.)**

ବଣ୍ଡଁରପାଳ ହାଟ ଛକ ନିକଟରୁ ବୁଧବାର ଏକ ବାଇକ୍ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଅରଧ ମିତ୍ର ନାମକ ଜଣେ ବ୍ୟକ୍ତି ହାଟକୁ ଆସି ସେଠାରେ ବାଇକ୍ ରଖିଥିଲେ। କିଛି ସମୟ ପରେ ତାଙ୍କ ବାଇକ୍ ନ ଥିବା ଦେଖି ଖୋଜାଖୋଜି କରିଥିଲେ। ବାଇକ୍ ନ ପାଇବାରୁ ଏ ନେଇ ସେ ଥାନାରେ ଅଭିଯୋଗ କରିଛନ୍ତି।




## କଂସମୁଣ୍ଡା ଖଣି କ୍ଷତିଗ୍ରସ୍ତଙ୍କ ଆନ୍ଦୋଳନ ସ୍ଥଗିତ

**କଣିହାଁ, ୨୧।୮(ଡି.ଏନ.ଏ.)**

ଏମ୍‌ସିଏଲ୍‌ର କଣିହାଁ କୋଇଲା ଖଣି କ୍ଷତିଗ୍ରସ୍ତ କଂସମୁଣ୍ଡା ଗ୍ରାମବାସୀଙ୍କ ପକ୍ଷରୁ ନିଯୁକ୍ତି ଓ ଅନ୍ୟାନ୍ୟ ଦାବିକୁ ନେଇ ବୁଧବାର ୪ର୍ଥ ଦିନରେ ପହଞ୍ଚିଥିବା ଖଣିବନ୍ଦ ଆନ୍ଦୋଳନ ସ୍ଥଗିତ ରହିଛି। ସନ୍ଧ୍ୟାରେ ପୋଲିସ, ପ୍ରଶାସନିକ ଅଧିକାରୀ, ଖଣି କର୍ତ୍ତୃପକ୍ଷ ଆନ୍ଦୋଳନକାରୀଙ୍କ ସହିତ ଆଲୋଚନା କରିବା ସହ ସମାଧାନ ପାଇଁ ଲିଖିତ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ସ୍ଥଗିତ ରଖାଯାଇଥିବା କ୍ଷତିଗ୍ରସ୍ତ ସଙ୍ଗଠନର ସମ୍ପାଦକ ଦେବେନ୍ଦ୍ର ବାରିକ କହିଛନ୍ତି। ତେବେ ପ୍ରତିଶ୍ରୁତି କାର୍ଯ୍ୟକାରୀ ନ ହେଲେ ପୁନଃ ଆନ୍ଦୋଳନ ହେବ ବୋଲି ଚେତାବନୀ ଦିଆଯାଇଛି। କଣିହାଁ ଥାନା ଆଇଆଇସି ପ୍ରଭାତ ତ୍ରିପାଠୀ କହିଛନ୍ତି, ଆଲୋଚନା ପରେ ଆନ୍ଦୋଳନ ହଟିଛି। ଖଣିକାର୍ଯ୍ୟ ସ୍ୱାଭାବିକ ହେବ।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ